REGIONAL NEWS UNIT, AIR KATAKA

Mid-day Bulletin (2.32PM)

26 November – 2026

****

ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ଷଷ୍ଠ ଦିବସରେ ଗୃହକାର୍ଯ୍ୟ ସ୍ୱାଭାବିକ

– ସରକାରୀ ଜମି ଜବରଦଖଲ ମୁକ୍ତ ଓ ସୁପରିଚାଳନା ପାଇଁ ନୂତନ ଆଇନ ପ୍ରସ୍ତୁତ କରାଯାଉଛି ବୋଲି ଗୃହରେ ରାଜସ୍ୱ ମନ୍ତ୍ରୀଙ୍କ ସୂଚନା

- ପୁରୀ ଶ୍ରୀମନ୍ଦିରରେ ଆଜି ପୁଣିଥରେ ଆରମ୍ଭ ହୋଇଛି ରତ୍ନଭଣ୍ଡାର ଅଳଙ୍କାରର ଗଣତି ମଣତି

- ଦୀଘାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଶ୍ରୀଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ଭାବେ ନାମିତ କଲେ ପଶ୍ଚିମବଙ୍ଗ ସରକାର

- ‘ମାନବଅଧିକାର ଉପରେ ଗୁରୁତ୍ୱ’ ବିଷୟବସ୍ତୁ ନେଇ ଦେଶବ୍ୟାପୀ ପାଳନ କରାଯାଉଛି ସମ୍ବିଧାନ ଦିବସ

ଏବଂ

- ରାଜ୍ୟର ସହରାଞ୍ଚଳଗୁଡ଼ିକୁ ଶିଶୁ ଶ୍ରମ ଓ ଶୋଷଣମୁକ୍ତ କରିବା ପାଇଁ ସରକାରଙ୍କ ପକ୍ଷରୁ ସମନ୍ୱିତ ପଦକ୍ଷେପ ଗ୍ରହଣ

BBSR/R

ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ଶୀତକାଳୀନ ଅଧିବେଶନର ଷଷ୍ଠଦିନରେ ଗୃହକାର୍ଯ୍ୟ ସୁରୁଖୁରୁରେ ଚାଲିଛି । ପ୍ରଶ୍ନକାଳ ଓ ଶୂନ୍ୟକାଳରେ ବିରୋଧୀ ଏବଂ ଶାସକ ଦଳର ସଦସ୍ୟମାନେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ମୁଲତବୀ ଆଲୋଚନାରେ ମଧ୍ୟ ଉଭୟ ଦଳର ସଦସ୍ୟମାନେ ଭାଗ ନେଇଛନ୍ତି । ବିରୋଧୀ ବିଜେଡି ପକ୍ଷରୁ ଜଳେଶ୍ୱରରେ ନାବାଳିକା ହତ୍ୟା ସମ୍ପର୍କିତ ମୁଲତବୀ ପ୍ରସ୍ତାବ ଆଗତ କରାଯାଇଛି । ଆଲୋଚନାରେ ବିଧାୟକ ଅଶ୍ୱିନୀ ପାତ୍ର, ଗୌତମ ବୁଦ୍ଧ ଦାସ, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ତାରାପ୍ରସାଦ ବାହିନୀପତି, ଅଶୋକ ଦାସ, ସନ୍ତୋଷ ଖଟୁଆ, ଇରାଶିଷ ଆଚାର୍ଯ୍ୟ, ସୀମାରାଣି ନାୟକ ପ୍ରମୁଖ ଭାଗ ନେଇ ନିଜ ମତ ରଖିଛନ୍ତି । ଆଲୋଚନା ଶେଷରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉତ୍ତର ରଖିଛନ୍ତି ।

ଅପରପକ୍ଷେ ଆଜି ଅପରାହ୍ନରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଉପସ୍ଥାପିତ ହେବ ବୋଲି ଜଣାପଡ଼ିଛି ।

BBSR/R

ବିଧାନସଭା– ସରକାରୀ ଜମି

ରାଜ୍ୟରେ ସରକାରୀ ଜମିର ସୁପରିଚାଳନା ପାଇଁ ରାଜ୍ୟ ସରକାର ଓଡ଼ିଶା ଜମି ପରିଚାଳନା ଆଇନ ପ୍ରସ୍ତୁତ କରୁଛନ୍ତି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ବିଧାନସଭାରେ ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ଆଇନ ଡ୍ରାଫ୍ଟିଂ ପ୍ରକ୍ରିୟା ସରିବା ପରେ ଏହାକୁ ଗୃହରେ ଉପସ୍ଥାପିତ କରାଯିବ। ବିଧାୟକ ହାତପାଣ୍ଠି ଅଧୀନରେ ରାଜସ୍ୱ ଜମିରେ ପ୍ରକଳ୍ପ ନିର୍ମାଣ କରାଯାଇପାରିବ। ରାଜସ୍ୱ ବିଭାଗର ଜମିକୁ ଉପଯୋଗ ପାଇଁ ଥିବା ନିୟମାବଳୀଗୁଡ଼ିକର ଆହୁରି ସରଳୀକରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ରାଜ୍ୟରେ ଜବର ଦଖଲ ଉଚ୍ଛେଦ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାଲକାନଗିରିରେ ୧୦୦ ଏକରରୁ ଅଧିକ ଜମି ଜବରଦଖଲ ମୁକ୍ତ ହୋଇଥିବା ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି।

BBSR/R

ବିଧାନସଭା– ବଜ୍ରପାତଜନିତ

ରାଜ୍ୟରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ତୁଳନାତ୍ମକଭାବେ ହ୍ରାସ ପାଇଛି ବୋଲି ବିଧାନସଭାରେ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ୨୦୧୯-୨୦ ମସିହାରେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ୩୫୦ ଥିବାବେଳେ ୨୦୨୪-୨୫ରେ ୨୪୩ ଓ ୨୦୨୫-୨୬ରେ ଏହା ୨୫୭ ରହିଥିଲା। ରାଜ୍ୟ ସରକାର ବଜ୍ରପାତଜନିତ ମୃତ୍ୟୁ ଓ ଧନଜୀବନ କ୍ଷତିକୁ ରୋକିବା ପାଇଁ ଆଗୁଆ ସତର୍କତା ସୂଚନା ବ୍ୟବସ୍ଥା ପ୍ରଚଳନ କରାଯାଇଛି। ବଜ୍ରପାତକୁ କେନ୍ଦ୍ର ସରକାର ଏକ ଜାତୀୟ

ଦୁର୍ବିପାକଭାବେ ଘୋଷଣା କରିଛନ୍ତି ଏବଂ ବଜ୍ରପାତ ଜନିତ ମୃତ୍ୟୁ ପାଇଁ ୮ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶିର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଆସନ୍ତା ୫ ବର୍ଷ ମଧ୍ୟରେ ବ୍ରଜପାତ ଜନିତ ମୃତ୍ୟୁ ଏବଂ କ୍ଷତିକୁ ହ୍ରାସ କରିବା ପାଇଁ ରାଜ୍ୟ ସରକାର ଦୀର୍ଘମିଆଦି ଯୋଜନା ହାତକୁ ନେଇଛନ୍ତି। ତାଳଗଛ ଲଗାଇବା ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ୧୪ କୋଟି ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ବିଭିନ୍ନ ଜିଲ୍ଲାରେ ବଜ୍ରପାତ ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

HS

ପିଏମ୍ ଇ-ବସ୍ ସେବା

ରାଜ୍ୟରେ ପିଏମ୍ ଇ-ବସ୍ ସେବା ଯୋଜନାରେ ଆଉ ୪୦୦ଟି ଇ-ବସ୍ ଚଳାଚଳ କରିବ। ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ଏହି ବସ୍ ଚଳାଇବାକୁ ସରକାର ଯୋଜନା କରିଛନ୍ତି। ବିଧାନସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ସମ୍ବଲପୁର ଓ ରାଉକେଲାରେ ଆସନ୍ତା ବର୍ଷ ଇ-ବସ୍ ସେବା ଆରମ୍ଭ ହେବାକୁ ଥିବାବେଳେ ନଭେମ୍ବର ମାସରେ ବ୍ରହ୍ମପୁରରେ ଏହା କାର୍ଯ୍ୟକାରୀ ହେବ। ସେହିପରି ବାଲେଶ୍ୱରରେ ଗୋଟିଏ ଡିପୋରୁ ୩୫ଟି ଇ-ବସ୍ ୬ଟି ରୁଟ୍ ଦେଇ ଚାଲିବ। ବର୍ତ୍ତମାନ ରାଜ୍ୟର

୬ଟି ସହରରେ କ୍ରୁଟ୍‌ର ୪୪୦ଟି ବସ୍ ଚଳାଚଳ କରୁଥିବା ନେଇ ମନ୍ତ୍ରୀ ଗୃହରେ ତଥ୍ୟ ରଖିଛନ୍ତି।

BBSR/R

ବିଧାନସଭା– ପଶ୍ଚିମ ଓଡ଼ିଶା

ପଶ୍ଚିମ ଓଡ଼ିଶା ବିକାଶ ପରିଷଦକୁ ଗତ ୫ ବର୍ଷ ମଧ୍ୟରେ ରାଜ୍ୟ ସରକାର ମୋଟ ୧ ହଜାର ୮୪୫ କୋଟି ଟଙ୍କାର ପାଣ୍ଠି ଯୋଗାଇ ଦେଇଛନ୍ତି ବୋଲି ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧୀନରେ ୧୧ ହଜାର ୭୮ଟି ପ୍ରକଳ୍ପ ପାଇଁ ୮ ହଜାର ୮୬୩ କୋଟି ୮୩ ଲକ୍ଷ ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏ ପର୍ଯ୍ୟନ୍ତ ୬ ହଜାର ୬୭୭ଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବାକି ୨ ହଜାର ୯୬୧ଟି ପ୍ରକଳ୍ପର କାର୍ଯ୍ୟ ଚାଲୁ ରହିଛି। ୧ ହଜାର ୪୪୦ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

ସମ୍ବିଧାନ ଦିବସ

ଭାରତୀୟ ସମ୍ବିଧାନ ଗ୍ରହଣର ୭୭ ବର୍ଷ ପୂର୍ତ୍ତି ଅବସରରେ ଆଜି ଦେଶ ବ୍ୟାପୀ ସମ୍ବିଧାନ ଦିବସ ପାଳନ କରାଯାଉଛି । ୧୯୪୯ମସିହା ନଭେମ୍ବର ୨୬ ତାରିଖ ଦିନ ଭାରତୀୟ ସମ୍ବିଧାନସଭା ପକ୍ଷରୁ ସମ୍ବିଧାନକୁ

ଗ୍ରହଣ କରାଯାଇଥିଲା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଏହା କାର୍ଯ୍ୟକାରୀ ହୋଇଥିଲା ଏବଂ ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହୋଇଥିଲା। ଭାରତର ସମ୍ବିଧାନ ପ୍ରସ୍ତୁତ କରିବା ଲାଗି ୨ ବର୍ଷ ୧୧ ମାସ ଓ ୧୮ ଦିନ ସମୟ ଲାଗିଥିଲା। ଚଳିତ ବର୍ଷ ସମ୍ବିଧାନ ଦିବସର ବିଷୟ ରହିଛି 'ମାନବ ଅଧିକାର ଉପରେ ଗୁରୁତ୍ୱ'। ୨୦୧୫ ମସିହାରୁ କେନ୍ଦ୍ର ସରକାର ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିବା ପରେ ସମ୍ବିଧାନ ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦିବସ ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସମ୍ବିଧାନକୁ ଭାରତର ଶକ୍ତି, ମାର୍ଗଦର୍ଶକ ଓ ଗର୍ବଭାବେ ବର୍ଣ୍ଣନା କରିଛନ୍ତି। ବିଶ୍ୱର ସର୍ବବୃହତ୍ତ ଲିଖିତ ସମ୍ବିଧାନ ଭାରତୀୟ ସମ୍ବିଧାନରେ ସଂଘୀୟ ଏବଂ ଏକକ ଶାସନ ବ୍ୟବସ୍ଥା ମଧ୍ୟରେ ସ୍ୱତନ୍ତ୍ର ସମନ୍ୱୟ ରହିଛି। କ୍ଷମତାର ପୃଥକୀକରଣ, ସ୍ୱାଧୀନ ନ୍ୟାୟପାଳିକା ଓ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଏହା ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ସମ୍ବିଧାନ ସଂଶୋଧନ ଜରିଆରେ ସମୟ ସହ ଆଗକୁ ବଢୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି। ଏହି ଅବସରରେ ରାଷ୍ଟ୍ର ନିର୍ମାଣରେ ଅମୂଲ୍ୟ ଅବଦାନ ପାଇଁ ଡକ୍ଟର ବି.ଆର୍.ଆମ୍ବେଦକର ଏବଂ ସମ୍ବିଧାନ ସଭାର ସମସ୍ତ ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସମ୍ବିଧାନ ପ୍ରତ୍ୟେକ ନାଗରିକଙ୍କୁ ନ୍ୟାୟ, ସ୍ୱାଧୀନତା, ସମାନତା ଓ ଭାତୃତ୍ୱର ଅଧିକାର ପ୍ରଦାନ କରିଛି। ସାମ୍ବିଧାନିକ ମୂଲ୍ୟବୋଧ ଓ କର୍ତ୍ତବ୍ୟବୋଧକୁ ପାଥେୟ କରି ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନ ଦିଗରେ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଓଡ଼ିଶା ବିଧାନସଭା ପରିସରରେ ବାଚସ୍ପତି ସୁରମା ପାଢ଼ି ଉପସ୍ଥିତ ନେତୃବୃନ୍ଦଙ୍କୁ ସମ୍ବିଧାନର ମୂଲ୍ୟବୋଧ, ନୀତି ଓ ଆଦର୍ଶ ପ୍ରତି ନିଷ୍ଠାବାନ ରହିବା ଏବଂ ତାହାର ଅନୁପାଳନ କରିବା ପାଇଁ ଶପଥ ପାଠ କରାଇଛନ୍ତି।

ପୂର୍ବତଟ ରେଳପଥ ରାୟଗଡ଼ା ମଣ୍ଡଳରେ ଏହି ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସାମ୍ବିଧାନିକ ମୂଲ୍ୟବୋଧର ପ୍ରଚାର ପ୍ରସାର ପାଇଁ ମଣ୍ଡଳ ରେଳପ୍ରବନ୍ଧକ ଅମିତାଭ ସିଂହଲ ଗୁରୁତ୍ୱ ଦେଇଥିଲେ।

Desk

ରତ୍ନଭଣ୍ଡାର ଗଣତିମଣତି

ପୁରୀ ଶ୍ରୀମନ୍ଦିରରେ ଆଜି ପୁଣିଥରେ ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ପ୍ରକ୍ରିୟା ଆରମ୍ଭ ହୋଇଛି। ମାର୍ଗଦର୍ଶିକା ଅନୁଯାୟୀ, ଅନୁମୋଦିତ ବ୍ୟକ୍ତି ଭଣ୍ଡାର ଘରେ ପ୍ରବେଶ କରି ଗଣତି ମଣତି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏହି ପ୍ରକ୍ରିୟାରେ ଖଟଶେଯ, ଘରକାଠ, ବାକ୍ସ ଅଳଙ୍କାରର ଗଣତି ମଣତି କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ରହିଛି। ପୂର୍ବଭଳି ଶ୍ରଦ୍ଧାଳୁ ବାହାରକାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ

କରୁଛନ୍ତି। ଆସନ୍ତାକାଲି ପର୍ଯ୍ୟନ୍ତ ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟା ଚାଲିବ।

କାର୍ତ୍ତିକମାସର ନୀତିବହୁଳତା ଯୋଗୁଁ ଗଣତି ମଣତି ସ୍ଥଗିତ ରଖାଯାଇଥିଲା । ଶ୍ରୀମନ୍ଦିର ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାରେ ଗତବର୍ଷ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲା। ଶେଷଥର ପାଇଁ ଗତ ଅଗଷ୍ଟ ମାସ ୩୧ ତାରିଖ ଓ ସେପ୍ଟେମ୍ବର ୧ ତାରିଖରେ ଗଣତିମଣତି କରାଯାଇଥିଲା। ୨୦୨୫ ମସିହା ମାର୍ଚ୍ଚ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଅଳଙ୍କାରର ୧୭ଦିନ ଗଣତିମଣତି ହୋଇଛି।

Desk

ଦୀଘା ମନ୍ଦିର– ଧାମ ଶବ୍ଦ

ପଶ୍ଚିମବଙ୍ଗ ସରକାର ଦୀଘା ମନ୍ଦିର ପରିସରରେ ଲିଖିତ ଧାମ ଶବ୍ଦ ହଟାଇବା ନିଷ୍ପତ୍ତିର ଆନୁଷ୍ଠାନିକ ସ୍ୱୀକୃତି ନିଶ୍ଚିତ କରିଛନ୍ତି। ବର୍ତ୍ତମାନ ଏହି ପରିସର ଶ୍ରୀଶ୍ରୀ ଜଗନ୍ନାଥ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ ହେବ। ଏହି ନିଷ୍ପତ୍ତି ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ’ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରି କହିଛନ୍ତି, ପବିତ୍ର ଶ୍ରୀକ୍ଷେତ୍ରର ସ୍ୱତନ୍ତ୍ର ଆଧ୍ୟାତ୍ମିକ ଗାରିମାକୁ ଅକ୍ଷୁଣ୍ଣ ରଖିବା ସହିତ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଥିବା ସାଂସ୍କୃତିକ ସମ୍ପର୍କକୁ ଏହା ଆହୁରି ସୁଦୃଢ଼ କରିବ। ଓଡ଼ିଆ ଅସ୍ମିତା ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମହିମାକୁ ପ୍ରସାରିତ କରିବାକୁ ସରକାର ସଂକଳ୍ପବଦ୍ଧ ବୋଲି ଶ୍ରୀ ମାଝୀ କହିଛନ୍ତି।

BBSR/R

ଶିଶୁ ସୁରକ୍ଷା

ରାଜ୍ୟର ସହରାଞ୍ଚଳଗୁଡ଼ିକୁ ଶିଶୁ ଶ୍ରମ, ଭିକ୍ଷାବୃତ୍ତି ଓ ଶୋଷଣମୁକ୍ତ କରିବା ସହ ଅସହାୟ ଓ ଅସୁରକ୍ଷିତ ଶିଶୁଙ୍କ ସୁରକ୍ଷା ନିଶ୍ଚିତ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ସମନ୍ୱିତ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ମହାନଗର ନିଗମ, ପୌରପାଳିକା ଓ ବିଜ୍ଞପ୍ତିତ ଅଞ୍ଚଳ ପରିଷଦଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଶିଶୁ ଅଧିକାର ସୁରକ୍ଷା ପାଇଁ ଓଡ଼ିଶା ରାଜ୍ୟ ଆୟୋଗଙ୍କ ପରାମର୍ଶ ଆଧାରରେ ବିଭାଗ ସମସ୍ତ ମହାନଗର ନିଗମ ଆୟୁକ୍ତ ଓ ନିର୍ବାହୀ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନ ସହ ଘନିଷ୍ଠ ସମନ୍ୱୟ ରକ୍ଷା କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ କହିଛନ୍ତି। ଏହି ପଦକ୍ଷେପର ଅଂଶସ୍ୱରୂପ ଜିଲ୍ଲାପାଳଙ୍କ ସହ ଯୋଗାଯୋଗ କରି ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ, ଶିଶୁ ଶ୍ରମ ଓ ଭିକ୍ଷାବୃତ୍ତି ଚିହ୍ନଟ, ନିରାକରଣ ଓ ଉଚ୍ଛେଦ ପାଇଁ ସହରଭିତ୍ତିକ ବ୍ୟାପକ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ପୌର ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

Bhadrak

ଜନସଚେତନତା ଅଭିଯାନ

ମହିଳା ଓ ବାଳିକାଙ୍କ ପ୍ରତି ଲିଙ୍ଗଭିତ୍ତିକ ହିଂସାର ପ୍ରତିରୋଧ, ନିରାକରଣ ଏବଂ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ୧୬ ଦିନିଆ ଅଭିଯାନର ଶୁଭାରମ୍ଭ ହୋଇଛି। ମହିଳା ଓ ବାଳିକାଙ୍କ ପ୍ରତି

ହେଉଥିବା ହିଂସାକୁ ରୋକିବା ସହ ସୁରକ୍ଷିତ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ନିମନ୍ତେ ଅଭିଯାନରେ ସଂକଳ୍ପ ନିଆଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂସହାୟକ ଗୋଷ୍ଠୀ, ଆଶାକର୍ମୀ, ଅଙ୍ଗନବାଡ଼ି ଓ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

Desk

ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ରାଜ୍ୟର ପ୍ରଗତି ଓ ଜନସେବା ପ୍ରତି ତାଙ୍କର ସମର୍ପିତ ଜୀବନ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ୧୯୧୭ ମସିହା ନଭେମ୍ବର ୨୬ ତାରିଖରେ କଟକଠାରେ ସ୍ୱର୍ଗତଃ ମିତ୍ର ଜନ୍ମଗ୍ରହଣ କରିଥିଲେ । ସମଗ୍ର ଜୀବନଦଶାରେ ସେ ଅବହେଳିତ ବର୍ଗର ଉତ୍ଥାନ ପାଇଁ ସେ କାର୍ଯ୍ୟ କରୁଥିଲେ ।